# ଓଡ଼ିଶା ବିଧାନସଭା

(ନବମ ଅଧିବେଶନ )

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨ ୯ ମାର୍ଚ୍ଚ ୨୦୨୨

----

**[ଜଙ୍ଗଲ ଓ ପରିବେଶ - ପଞ୍ଚାୟତିରାଜ ଓ ପାନୀୟ ଜଳ - ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା - ଶ୍ରମ ଓ କର୍ମଚାରୀଙ୍କ ରାଜ୍ୟ ବୀମା - ସଂସଦୀୟ ବ୍ୟାପାର - ଗୃହ ନିର୍ମାଣ ଓ ନଗର ଉନ୍ନୟନ - ଆଇନ ଗ୍ରାମ୍ୟ ଉନ୍ନୟନ ].**

**ମୋଟ ପ୍ରଶ୍ନର ସଂଖ୍ୟା 30**

----

### ବ୍ଲକରେ ଚାଲୁଥିବା ବୃହତ ପାନୀୟ ଜଳ ପ୍ରକଳ୍ପ

*61 **ଶ୍ରୀ ଅମର ପ୍ରସାଦ ସତପଥୀ (ବରଚଣା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟର କେତେଗୋଟି ବ୍ଲକରେ ବୃହତ ପାନୀୟ ଜଳ ଯୋଗାଣ କାର୍ଯ୍ୟ ଚାଲୁ ରହିଅଛି ଓ କେତେ ସଂଖ୍ୟକ ସ୍ଥାନରେ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇ କାର୍ଯ୍ୟକ୍ଷମ ହୋଇଅଛି, (ଖ) ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକର ବୃହତ୍ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କେବେ ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଅଛି ?

----

### PMGSY ରାସ୍ତା ନିର୍ମାଣରେ ଅବହେଳା

*62 **ଶ୍ରୀ ସନ୍ତୋଷ ସିଂହ ସାଲୁଜା (କଣ୍ଟାବାଞ୍ଜି):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ରାଜ୍ୟ ସରକାର 2019 - 20 , 2020 -21 ଏବଂ 2021 - 22 ରେ ମୋଟ କେତେଗୋଟି PMGSY ରାସ୍ତାର Tender କରିଛନ୍ତି ଏବଂ କେତେଗୋଟି କି.ମି. ରାସ୍ତା PMGSY ରାସ୍ତା ତିଆରି ହୋଇଛି ଏହାର Division ୱାରୀ ତାଲିକା ପ୍ରଦାନ କରିବେ କି; (ଖ) ଏହି 3 ବର୍ଷରେ RW - Titilagarh Division ଅର୍ନ୍ତଗତ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ମୋଟ କେତେ ଗୋଟି ରାସ୍ତାର Tender ହୋଇ ତିଆରି ହୋଇଛି ଏହାର ନାମ ସହ ଗୋଟିଏ ତାଲିକା ପ୍ରଦାନ କରିବେ କି ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀକୁ PMGSY ରାସ୍ତା ନିର୍ମାଣରେ ଅବହେଳା କରୁଥିବାର କାରଣ କ'ଣ ?

----

## ଜମିର କିସମ ଓ ସ୍ୱତ୍ତ୍ୱର ସୁବ୍ୟବସ୍ଥା

***63 ଶ୍ରୀ ପ୍ରଫୁଲ୍ଲ ସାମଲ (ଭଣ୍ଡାରୀ ପୋଖରୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଜମିର କିସମ ଓ ସ୍ୱତ୍ତ୍ୱର ସୁବ୍ୟବସ୍ଥା କରିବା ପାଇଁ କି କି ପଦକ୍ଷେପ ନିଆଯାଇଛି ବା ନିଆଯାଉଛି କହିବେ କି?

----

## ଟିକରପଡ଼ା ପର୍ଯ୍ୟଟନସ୍ଥଳୀର ଉନ୍ନୟନ

***64 ଶ୍ରୀ ରମେଶ ଚନ୍ଦ୍ର ସାଏ (ଆଠମଲ୍ଲିକ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଟିକରପଡ଼ାଠାରେ ପରିବେଶ ପର୍ଯ୍ୟଟନ ଉନ୍ନୟନ ପାଇଁ ସରକାର କି ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରିଛନ୍ତି ?

----

## ଲୋଇସିଂହାକୁ NAC ମାନ୍ୟତା

***65 ଶ୍ରୀ ମୁକେଶ ମହାଲିଙ୍ଗ (ଲୋଇସିଂଘା):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ NAC ଓ Municipality ଗଠନ ନିମନ୍ତେ ସରକାରଙ୍କ ଠାରେ ପ୍ରସ୍ତାବ ଦେବା ବିଧିବ୍ୟବସ୍ଥା ସମ୍ବନ୍ଧୀୟ ସରକାରଙ୍କ ନିର୍ଦ୍ଦେଶାବଳୀ ଗୃହରେ ଉପସ୍ଥାପନ କରିବେକି, ଏହି ବିଧିବ୍ୟବସ୍ଥା ଅନୁଯାୟୀ ଜିଲ୍ଲାପାଳ ବଲାଙ୍ଗୀର ଲୋଇସିଂହା NAC ଗଠନ ନିମନ୍ତେ ପ୍ରସ୍ତାବ ଦେଇନଥିଲେ କି, ଅଣତାରକା ପ୍ରଶ୍ନ ସଂଖ୍ୟା 977 ତା. 7.12.2021ର ଉତ୍ତର ଅନୁଯାୟୀ ଲୋଇସିଂହା NAC ଗଠନ ସଂକ୍ରାନ୍ତୀୟ ତଥ୍ୟ ପଂଚାୟତରାଜ ବିଭାଗ ତରଫରୁ ଜିଲ୍ଲାପାଳ ବଲାଙ୍ଗୀରଙ୍କୁ ମଗାଯାଇଥିଲେ ମଧ୍ୟ ତା. 07.12.2021 ସୁଦ୍ଧା ବଲାଙ୍ଗୀର ଜିଲ୍ଲାପାଳଙ୍କ ଠାରୁ ରିପୋର୍ଟ ହସ୍ତଗତ ହୋଇନପାରିବା ଫଳରେ ପୌର ନିର୍ବାଚନ ପୂର୍ବରୁ ଲୋଇସିଂହା NAC ଗଠନ ହୋଇପାରିନଥିବା ତଥ୍ୟ ସତ୍ୟ କି, (ଖ) ଯଦି ଉତ୍ତର 'ହଁ' ହୁଏ ତେବେ ଜନସାଧାରଣଙ୍କ ଦାବୀ ପୂରଣ କରିବା ପାଇଁ ରାଜ୍ୟ ଶାସନ ବ୍ୟବସ୍ଥାରେ ସରକାର କେହି ନୁହଁନ୍ତି ଓ ଜିଲ୍ଲାର ଜିଲ୍ଲାପାଳ ସମସ୍ତଙ୍କ ଉପରେ ବୋଲି ସରକାରଙ୍କର କାର୍ଯ୍ୟ ପ୍ରଣାଳୀ ସୂଚାଉନାହିଁକି, 5T ଆଧାରରେ ଜନସାଧାରଣଙ୍କର ଏହି ଅଭିଯୋଗକୁ ଅନୁସନ୍ଧାନ କରିବା ସହ ଲୋଇସିଂହାକୁ NAC ଗଠନ କରିବାରେ ସରକାରଙ୍କର ଆପତ୍ତି ଅଛିକି?

----

## ରଣପୁର ଠାରେ କୋର୍ଟ ସ୍ଥାପନ

***66 ଶ୍ରୀ ସତ୍ୟନାରାୟଣ ପ୍ରଧାନ (ରଣପୁର):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ନୟାଗଡ ଜିଲ୍ଲାର ରଣପୁର ନିର୍ବାଚନମଣ୍ଡଳୀର ରଣପୁରଠାରେ ଉକ୍ତ Civil Judge(Sr. Division) cum Asst. Sessions Judge Court ପ୍ରତିଷ୍ଠା କରିବା ପାଇଁ UDAQ ୫61 Dtd. 7.9.2021 ଏବଂ SAQ No.- 156 Dtd. 7.12.2021 ରେ ପଚାରିଥିବା ପ୍ରଶ୍ନର ଉତ୍ତରରେ କହିଥିଲେ କି କରୋନା ମହାମାରୀ ଯୋଗୁଁ ଉଚ୍ଚସ୍ତରୀୟ ବୈଠକ ସ୍ଥଗିତ ରଖାଯାଇଥିଲା ଏବଂ ଯଥାଶିଘ୍ର ଉକ୍ତ ବୈଠକ ଅନୁଷ୍ଠିତ କରାଯାଇ ରଣପୁରଠାରେ ଉକ୍ତ କୋର୍ଟ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଆଗତ କରାଯିବ,ଇତି ମଧ୍ୟରେ ଏ ବିଷୟରେ କଣ ଅଗ୍ରଗତି ହୋଇଛି ଏବଂ ରଣପୁରଠାରେ କୋର୍ଟ ସ୍ଥାପନ ପ୍ରସ୍ତାବ ଉଚ୍ଚସ୍ତରୀୟ କମିଟିରେ ଆଗତ କରାଗଲା କି ନାହିଁ ଏବଂ କେବେସୁଦ୍ଧା ରଣପୁରଠାରେ ଉକ୍ତ କୋର୍ଟ ସ୍ଥାପନ କରାଯିବ?

----

## ପାଇପ ଜଳ ପ୍ରକଳ୍ପ କାର୍ଯ୍ୟ ସ୍ଥାପନ

*67 **ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର)ଃ**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- (କ) ଗ୍ରୀଷ୍ମ କାଳରେ ଜୟପୁର ସବଡିଭିଜନରେ ପାନୀୟ ଜଳ ସଂକଟ ଦେଖାଦେଇଥିବା କଥା ସରକାର ଜାଣନ୍ତିକି, ଏଥିପାଇଁ କି କି ଆଗୁଆ ପଦକ୍ଷେପ ନିଆଯାଇଛି, କେତେ ବ୍ୟୟ ବରାଦ ହୋଇଛି, (ଖ) ଜୟପୁର ସବଡିଭିଜନରେ ଏବେ କେତେ ପାଇପ ଯୋଗେ ଜଳ ଯୋଗାଣ ପ୍ରକଳ୍ପ ରହିଛି,ଆଉ କେତେ ପ୍ରକଳ୍ପ ସ୍ଥାପନ ହେବ, ସେହିପରିଭାବେ କେତେ ନଳକୂପ ବସିଛି, ତନ୍ମଧ୍ୟରୁ କେତେ ଅଚଳ ହୋଇପଡିଛି?

----

## ଗ୍ରାମ୍ୟ ଉନ୍ନୟନ ବିଭାଗର ଆଭିମୁଖ୍ୟ ପୂରଣ

*6୫ **ଶ୍ରୀ ମୋହନ ଚରଣ ମାଝୀ (କେଉଁଝର)ଃ**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଗ୍ରାମାଞ୍ଚଳରେ ଜୀବନର ମାନକୁ ଉନ୍ନତ କରିବା ତଥା ଗ୍ରାମବାସୀଙ୍କ ବହୁବିଧ ସମସ୍ୟାର ସମାଧାନ ଦିଗରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଆଭିମୁଖ୍ୟ କେତେ ଦୂର ପୂରଣ ହୋଇଛି; ବିଗତ 10 ବର୍ଷ ମଧ୍ୟରେ ଏ ନେଇ କେଉଁ ଯୋଜନା, କାର୍ଯ୍ୟକ୍ରମମାନ ଗ୍ରହଣ କରାଯାଇଛି, ଫଳରେ ଧାର୍ଯ୍ୟ ଲକ୍ଷ୍ୟ ମଧ୍ୟରୁ କେତେ ହାସଲ ହୋଇଛି, ଏ ବାବଦରେ କେତେ ବ୍ୟୟବରାଦ ହୋଇଛି, ସେଥିମଧ୍ୟରୁ କେତେ ଖର୍ଚ୍ଚ ହୋଇଛି, ଗ୍ରାମାଞ୍ଚଳରେ କେତେ ଗ୍ରାମ୍ୟ ରାସ୍ତା, ସରକାରୀ କୋଠାବାଡ଼ି ନିର୍ମାଣ ହୋଇଛି, ଯଦି ଜୀବନର ମାନରେ ଗୁଣାତ୍ମକ ଉନ୍ନତି ହୋଇଛି ତେବେ କେତେ ବ୍ୟକ୍ତି ସହର ଛାଡ଼ି ଗ୍ରାମରେ ରହୁଛନ୍ତି , ଯଦି ଉନ୍ନତି ହୋଇନାହିଁ, କେତେ ଗ୍ରାମ ଛାଡ଼ି ସହରକୁ ଯାଇଛନ୍ତି , ସେସବୁର ବ୍ଲକ, ବର୍ଷ ଓ ଯୋଜନାୱାରୀ ତଥ୍ୟ ଦେବେ କି ?

----

## R.O.R କରେକ୍ସନ କରି ପଟ୍ଟା ପ୍ରଦାନ

*69 **ଶ୍ରୀ ଅରବିନ୍ଦ ଢାଲୀ (ଜୟଦେବ)ଃ**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଖୋର୍ଦ୍ଧା ଜିଲ୍ଲାର ସୁନ୍ଦରପୁର, ଭୁସୁଣ୍ଡପୁର କନ୍ତୋରବାଇ ଇତ୍ୟାଦି 5 ଗୋଟି କେନ୍ଦ୍ର ଦ୍ୱାରା ଥଇଥାନ ଗ୍ରାମ ଗୁଡ଼ିକର R.O.R. କରେକ୍ସନ ନ ହେବାର କାରଣ କଣ; R.O.R. କରେକ୍ସନ କରି ତାଙ୍କର ପଟ୍ଟା କେବେ ଦେବେ କହିବେ କି ?

----

## ପରିବେଶ ପର୍ଯ୍ୟଟନର ବିକାଶ

*70 **ଶ୍ରୀ ସୁଧୀର କୁମାର ସାମଲ (ଢ଼େଙ୍କାନାଳ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଢେଙ୍କାନାଳ ଜିଲ୍ଲାରେ ପରିବେଶ ପର୍ଯ୍ୟଟନ ଉନ୍ନୟନ ପାଇଁ କେଉଁ କେଉଁ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ପୂର୍ଣାଙ୍ଗ ହୋଇଛି , କେଉଁଗୁଡ଼ିକ ନିର୍ମାଣାଧିନ ଓ ପ୍ରସ୍ତାବାଧିନ ଅଛି, ପ୍ରକାଶ କରି ଢେଙ୍କାନାଳ ଜିଲ୍ଲାରେ ପରିବେଶ ପର୍ଯ୍ୟଟନ ବିକଶିତ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଯୋଗ୍ୟତା ଅନୁସାରେ RAY ବାସଗୃହ ଯୋଗାଣ

*71 **ଶ୍ରୀ ଅନନ୍ତ ନାରାୟଣ ଜେନା ():**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- 2012, 2015, 2017 ଏବଂ 2020 ମସିହାରେ ଭୁବନେଶ୍ୱରର ମଧ୍ୟ ନିର୍ବାଚନ ମଣ୍ଡଳୀରେ BMC ଦ୍ୱାରା ଭୁବନେଶ୍ୱର ଭୋଟର କାର୍ଡ ଓ ଆଧାର କାର୍ଡ ଭିତ୍ତିରେ ସର୍ଭେ କରାଯାଇ ୱାର୍ଡ ୱାରୀ କେଉଁ ବସ୍ତିର କେତେ ଜଣଙ୍କୁ RAY ମାଧ୍ୟମରେ ବାସଗୃହ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି କେତେଜଣ କେବଳ ଆଧାର ଭିତ୍ତିରେ ଚୟନ ହୋଇଛନ୍ତି ଭୁବନେଶ୍ୱରର ଭୋଟର କାର୍ଡ ଥାଇ ଏବଂ ନଥାଇ ଚୟନ ହୋଇଥିବା କେତେଜଣଙ୍କୁ ଏବେସୁଦ୍ଧା କେଉଁ କେଉଁ ସ୍ଥାନରେ ବାସଗୃହ ଯୋଗାଇ ଦିଆଯାଇଛି ଏବଂ କେତେ ଜଣ ଅପେକ୍ଷାରେ ଅଛନ୍ତି ସେମାନଙ୍କର ଅଲଗା ଅଲଗା ତାଲିକା ପ୍ରଦାନ କରିବେ କି କେବେ ସୁଦ୍ଧା ଯୋଗ୍ୟ ହିତାଧିକାରୀଙ୍କୁ RAY ମାଧ୍ୟମରେ ଘର ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି (ବଳକା ହିତାଧିକାରୀ) ଭୁବନେଶ୍ୱରର ଭୋଟର ନହୋଇ ଯେଉଁମାନଙ୍କର ନାମ ଯୋଗ୍ୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି , ସେମାନଙ୍କର ନାମକୁ ସେହି ଯୋଗ୍ୟ ତାଲିକାରୁ ବାଦ, ଦେବାପାଇଁ ନିର୍ଦ୍ଦେଶ ଦିଆଯାଇଛି କି ନିର୍ଦ୍ଦେଶନାମା ଯୋଗାଇ ଦେବେ କି ?

----

## Furnishing of Sketch Map

*72 **Shri. Jayanta Kumar Sarangi (Puri):**

Will the Minister for **Law** be pleased to state that:- whether the Law Minister obtained any permission from National Monument Act or Archeological Survey of India or Central Government of India or under the Heritage Act, the district authority make heavy construction sorrounding the temple area without prior permission from the authority and digging lands on several points for high-rise

buildings, provide all documents along with sketch map?

----

## G.O. Tech ବ୍ୟବସ୍ଥାରେ ସାମିଲ

*73 **ଶ୍ରୀ ଦାସରଥୀ ଗମାଙ୍ଗ (ମୋହନା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ G.O.Tech ବ୍ୟବସ୍ଥାରେ ନାମ ଅନ୍ତର୍ଭୁକ୍ତ କରାଇବା ପାଇଁ ସରକାରୀ ବ୍ୟବସ୍ଥା ଅଛି କି, ଉତ୍ତର 'ହଁ' ହେଲେ ଏହାକୁ ଲୋକ ଲୋଚନକୁ ଆଣିବାପାଇଁ ବ୍ୟାପକ ପ୍ରଚାର କରାଇବାପାଇଁ ସର୍ବ ସାଧାରଣ ରେ ଉଚିତ ପଦକ୍ଷେପ ମାନ ଗ୍ରହଣ କରିବେ କି, ଯଦ୍ଵାରା ମୋହନା ନିର୍ବାଚନ ମଣ୍ଡଳୀ ବାସିନ୍ଦା ଉକ୍ତ ଯୋଜନାରେ ବହୁ ପରିମାଣରେ ଅନ୍ତର୍ଭୁକ୍ତ ହୋଇପାରିବେ ?

----

## ଜରାଜୀର୍ଣ୍ଣ ରାସ୍ତାର ପୁନଃ ନିର୍ମାଣ

*74 **ଶ୍ରୀ ମୌଷଧି ବାଗ୍ (ଧର୍ମଗଡ଼):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଳାହାଣ୍ଡି ଜିଲ୍ଲାରେ ପାଞ୍ଚବର୍ଷ ଅବଧି ପୂର୍ଣ୍ଣ କରିଥିବା କେତେ କିଲୋମିଟର ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ରାସ୍ତା ଜରାଜୀର୍ଣ୍ଣ ଅବସ୍ଥାରେ ଅଛି ତାହାର ବ୍ଲକୱାରୀ ବିବରଣୀ ଦର୍ଶାଇ ଏହି ଜରାଜୀର୍ଣ୍ଣ ରାସ୍ତାର ପୁନଃନିର୍ମାଣ ପାଇଁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ଖାଲି ଥିବା R.I. ପଦବୀ ପୂରଣ

*75 **ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ (ବାଙ୍କୀ):**

**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବାଙ୍କୀ ନିର୍ବାଚନ ମଣ୍ଡଳୀରେ R.I. ଅଫିସ ମାନଙ୍କରେ R.I. ମାନଙ୍କୁ ଅବସ୍ଥାପିତ କରାନଯିବା ଫଳରେ ଜମିଜମା ସମ୍ପର୍କୀୟ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ଏପରିକି ଜଣେ R.I. ଏକାଧିକ R.I. ଅଫିସ କାର୍ଯ୍ୟ ସମ୍ପାଦନ କରିବା କଷ୍ଟସାଧ୍ୟ ହୋଇ ପଡୁଛି ଏଣୁ ଖାଲିଥିବା R.I. ପଦବୀ ଗୁଡିକ ପୁରଣ କରିବା ଦିଗରେ ପଦକ୍ଷେପ ନେବେ କି ?

----

## CAMPA Fund ଦ୍ୱାରା ବିଭିନ୍ନ Project କାର୍ଯ୍ୟ

*76 **ଶ୍ରୀ ଭୂପିନ୍ଦର ସିଂହ (ନାର୍ଲା):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) CAMPA Fund ସର୍ବମୋଟ ରାଜ୍ୟ କେତେ ପାଇବାର ଥିଲା ; ସେ ଭିତରୁ କେତେ ମିଳିଲା ; ଉକ୍ତ fund ମାଧ୍ୟମରେ କି କି Project ନିଆଯାଇପାରିବ ; (ଖ) ନର୍ଲା ନିର୍ବାଚନ ମଣ୍ଡଳୀରେ 2021-22 ପାଇଁ CAMPA ରେ କେତେ ଅର୍ଥ ବ୍ୟବସ୍ଥା କରାଯାଇଅଛି project wise ଜଣାଇବେ କି?

----

## ବାଲିଗୁଡା ବିଜ୍ଞାପିତ ଅଞ୍ଚଳକୁ ମିଳିଥିବା ଅର୍ଥ

***77 ଶ୍ରୀ ଚକ୍ରମଣି କହଁର (କନ୍ଧମାଳ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ-

କନ୍ଧମାଳ ଜିଲ୍ଲା ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ବିଗତ ଆର୍ଥିକ ବର୍ଷରେ 2019-2020, 2020-2021 ଓ 2021-2022 ଆର୍ଥିକ ବର୍ଷରେ ଓଡିଶା ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ତରଫରୁ କେତେ ଆର୍ଥିକ ଅନୁଦାନ G.O. No. ସହିତ କେଉଁ କେଉଁ ଯୋଜନା ମାଧ୍ୟମରେ ପ୍ରାପ୍ତ ହୋଇଅଛି, ଉକ୍ତ ଅର୍ଥ କେଉଁ କେଉଁ ପ୍ରକଳ୍ପରେ ଖର୍ଚ୍ଚ ହୋଇଅଛି, ତାହାର ସବିଶେଷ ବିବରଣୀ ବର୍ଷୱାରୀ ପ୍ରଦାନ କରିବା ସହିତ ପରିଷଦର ବୈଠକ ଦ୍ୱାରା ଅନୁମୋଦନ ହୋଇଛି କି ସମସ୍ତ ଭାଉଚର ସହିତ ବିନିଯୋଗ ପ୍ରମାଣ ପତ୍ର (U.C) ପ୍ରଦାନ କରିବେ କି ?

----

## ଯଶିପୁରରେ ପାନୀୟ ଜଳ ଯୋଗାଣ

***78 ଶ୍ରୀ ଗଣେଶ ରାମ୍ ସିଂ ଖୁଣ୍ଟିଆ (ଯଶୀପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଯଶିପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରରୁଆଁ ଓ ଶୁକୁଳୀ ବ୍ଲକର ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କର କୌଣସି ଯୋଜନା ଅଛି କି, ଯଦିଅଛି ସେଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ତରଫରୁ କେତେ ପରିମାଣ ଅର୍ଥ ଅଟକଳ କରାଯାଇଛି, ଆଜିପର୍ଯ୍ୟନ୍ତ ଉକ୍ତ କାମର ଅଗ୍ରଗତି କଣ ହୋଇଛି ଏବଂ କେଉଁ ସଂସ୍ଥାଦ୍ୱାରା ଉକ୍ତ କାମ କେବେ ଆରମ୍ଭ କରିବାର ଯୋଜନା ଅଛି ?

----

## ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଦ୍ୱାରା ରାସ୍ତା ନିର୍ମାଣ

***79 ଶ୍ରୀ ଅଶ୍ୱିନୀ କୁମାର ପାତ୍ର (ଜଳେଶ୍ୱର):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଚଳିତ ବର୍ଷ କେତେ କି.ମି. ସଡକ ରାଜ୍ୟରେ କେଉଁ ଜିଲ୍ଲାରେ ନିର୍ମାଣ ହେବ ; ନିର୍ମାଣ ପ୍ରସ୍ତୁତି କେଉଁ ସ୍ତରରେ ସରକାର ଏହାର ସବିଶେଷ ତଥ୍ୟ ଉପସ୍ଥାପନ କରିବେ କି?

----

## Murrom lifted from farm ponds

***80 Shri. Sukanta Kumar Nayak (Nilgiri):**

Will the Minister for **Revenue and Disaster Management** be pleased to state that:- Murrom is being lifted from farm ponds as excavated materials on deposit of royalty from different part of Nilgiri Block whether environmental

clearance/Mining Plan is mandatory or not submit in details as per format ?

----

## ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି

*81 **ଶ୍ରୀ ସୁରେଶ କୁମାର ରାଉତରାୟ (ଜଟଣୀ):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ନନ୍ଦନକାନନରେ ଅସ୍ଥାୟୀ କର୍ମଚାରୀଙ୍କ ସଂଖ୍ୟା କେତେ, ଦୀର୍ଘ ବର୍ଷ ଧରି ଅସ୍ଥାୟୀ କର୍ମଚାରୀ କାର୍ଯ୍ୟରତ ଥିବା ଏବଂ କିଛି କର୍ମଚାରୀଙ୍କୁ ନନ୍ଦନକାନନ ବଟାନିକାଲ ଗାର୍ଡେନରେ ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବା ପାଇଁ ଉଚ୍ଚ ନ୍ୟାୟଳୟର ଆଦେଶ ଥିଲେ ମଧ୍ୟ କାର୍ଯ୍ୟକାରୀତା ନହେବାର କାରଣ କ'ଣ, ଅସ୍ଥାୟୀ କର୍ମଚାରୀଙ୍କୁ କେବେ ସୁଦ୍ଧା ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯିବ ନିର୍ଦ୍ଦିଷ୍ଟ ଭାବେ ମତ ରଖିବେ କି ?

----

## ରାଜ୍ୟ ଗୃହ ନିର୍ମାଣ ଦ୍ୱାରା ପ୍ରକଳ୍ପ ନିର୍ମାଣ

*82 **ଶ୍ରୀ ସଞ୍ଜିବ କୁମାର ମଲ୍ଲିକ (ଭଦ୍ରକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଭଦ୍ରକ ସହରରେ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ବୋର୍ଡ ତରଫରୁ ବାସଗୃହ ପ୍ରକଳ୍ପ ନିର୍ମାଣ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ, ସେ ଦିଗରେ କି ପଦକ୍ଷେପ ଗ୍ରହଣ କରାଯାଉଅଛି ?

----

## ପାନୀୟଜଳ ଯୋଗାଣ ନିମନ୍ତେ ଅର୍ଥ ଖର୍ଚ୍ଚ

*83 **ଶ୍ରୀ ନବ ଚରଣ ମାଝି (ରାଇରଙ୍ଗପୁର):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) 2011 ଜନଗଣନା ଅନୁଯାୟୀ ରାଜ୍ୟରେ ସମୁଦାୟ କେତେ ପରିବାରଙ୍କ ମଧ୍ୟରୁ କେତେ ସଂଖ୍ୟକ ପରିବାରଙ୍କୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦିଆଯାଉଛି, 2021 - 2022 ଆର୍ଥିକ ବର୍ଷ ଶେଷ ସୁଦ୍ଧା କେତେ ସଂଖ୍ୟକ ପରିବାରଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଇଛି, (ଖ) ଗତ ଆର୍ଥିକ ବର୍ଷରେ ରାଜ୍ୟ ବଜେଟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳଯୋଗାଣ ନିମନ୍ତେ କେତେଅର୍ଥର ବ୍ୟବସ୍ଥା ଥିଲା ଓ ସେଥିରୁ କେତେ ଅର୍ଥ ଖର୍ଚ୍ଚ କରାଯାଇଛି, ଚଳିତ ଆର୍ଥିକ ବର୍ଷରେ ଏହାର ପରିମାଣ କେତେ ଓ ଏବେସୁଦ୍ଧା କେତେ ଖର୍ଚ୍ଚ ହୋଇଛି ତାର ସବିଶେଷ ବିବରଣୀ ପ୍ରଦାନ କରିବେକି?

----

## ରାସ୍ତାର ଉନ୍ନତିକରଣ

*84 **ଶ୍ରୀ ପ୍ରଦୀପ କୁମାର ଦିଶାରୀ (ଲାଞ୍ଜିଗଡ):**

**ଗ୍ରାମ୍ୟ ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲାଞ୍ଜୀଗଡ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କିଡଙ୍ଗଠାରୁ ମାଢିବନ୍ଧା ରାସ୍ତାର ଉନ୍ନତିକରଣ ସହ ସାନ୍ଦୁଲ ନଦୀରେ ପୋଲ ନିର୍ମାଣ, କାଠଖୁରା R.D. ରାସ୍ତାଠାରୁ ତଲଝାପି ଭାୟା ଲାଞ୍ଜୀଗଡ, ନିକେଶଯୋର, ମସ୍କାଗୁଡା ରାସ୍ତାର ଉନ୍ନତିକରଣ ଏବଂ ଜୟପାଟଣା ବ୍ଲକ ଅନ୍ତର୍ଗତ ଉଚ୍ଛଳା ଖଇରଡୁଡି ରାସ୍ତାର ଗାଇଧାର ନଦୀରେ ପୋଲ ନିର୍ମାଣ ପାଇଁ ସରକାରୀ ସ୍ତରରେ କି ପଦକ୍ଷେପ ଗ୍ରହଣ କରିଛନ୍ତି ଜଣାଇବେ କି ?

----

## ଘରଡିହ ହୀନ ପରିବାରଙ୍କୁ ଘରଡିହ ପଟ୍ଟା ବଣ୍ଟନ

***85 ଶ୍ରୀ ସୌଭିକ୍ ବିଶ୍ୱାଳ (ଚୌଦ୍ୱାର-କଟକ):**

**ଗୃହ ନିର୍ମାଣ ଓ ନଗର ଉନ୍ନୟନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କଟକ ସହର ଓ ଚୌଦ୍ୱାର ସହରରେ କେତେ ଘରଡିହ ହୀନ ପରିବାର ଥିବା ଚିହ୍ନଟ କରାଯାଇଛି ; ପୁରୁଷ ପୁରୁଷ ଧରି ସରକାରୀ ଜାଗାରେ ବାସ କରୁଥିବା ଯୋବ୍ରା ନଦୀକୂଳ ସାହି ବାସିନ୍ଦାଙ୍କ ସମେତ ଅନ୍ୟ ଘରଡିହ ହୀନ ପରିବାରମାନଙ୍କୁ ଘରଡିହ ପଟ୍ଟା ଯୋଗାଇ ଦେବାକୁ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି?

----

## ଜଙ୍ଗଲରେ ଅଗ୍ନିକାଣ୍ଡ ଯୋଗୁଁ ବନ୍ୟଜନ୍ତୁ ମୃତ୍ୟୁ ବରଣ

***86 ଶ୍ରୀ ଭାସ୍କର ମଢେଇ (ଉଦଳା):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଅନେକ ଅଞ୍ଚଳରେ ଗ୍ରୀଷ୍ମଋତୁରେ ଜଙ୍ଗଲରେ ଅଗ୍ନିକାଣ୍ଡରେ ବହୁ ମୁଲ୍ୟବାନ ଦ୍ରବ୍ୟ ନଷ୍ଟ ହେବା ସହିତ ଅଗଣିତ ବନ୍ୟପ୍ରାଣୀ ମୃତ୍ୟୁ ବରଣ କରିଥାନ୍ତି ଏହାର ପ୍ରତିକାର ପାଇଁ ବହୁଳଭାବେ ପତ୍ର ଝଡିଥିବା ସ୍ଥାନରୁ ଗ୍ରାମର ଲୋକମାନଙ୍କୁ ମଜୁରୀ ଦେଇ ପତ୍ର ସଂଗ୍ରହ କରାଯାଇ ବନୀ କରଣ ନିମନ୍ତେ (Compost) ତିଆରି ପାଇଁ ସରକାର ପଦକ୍ଷେପ ଗ୍ରହଣ କରିବେ କି ?

----

## ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ମେଗା ଜଳ ପ୍ରକଳ୍ପ କାର୍ଯ୍ୟ ଶେଷ

***87 ଶ୍ରୀ ନାଉରୀ ନାୟକ (ରେଙ୍ଗାଲି):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ କେତେ ବ୍ୟୟ ଅଟକଳରେ କେତେ ସଂଖ୍ୟକ ପ୍ରକଳ୍ପ ନିର୍ମାଣ ନିମନ୍ତେ କେତେ ମୂଲ୍ୟର ଟେଣ୍ଡର ଚୁକ୍ତି ହୋଇଅଛି, ଚୁକ୍ତିନାମା ହୋଇଥିବା ଠିକା ସଂସ୍ଥାଙ୍କ ମଧ୍ୟରୁ ରାଜ୍ୟର କେତେ ସଂଖ୍ୟକ ଓ ଅନ୍ୟ କେଉଁ କେଉଁ ରାଜ୍ୟର କେତେ ସଂଖ୍ୟକ ଠିକା ସଂସ୍ଥା ସହ କେତେ ମୂଲ୍ୟର ଚୁକ୍ତିନାମା କରାଯାଇଛି ତାହା ପ୍ରକାଶ କରିବେ କି, (ଖ) କେଉଁ ପ୍ରକଳ୍ପର ଧାର୍ଯ୍ୟ ସମୟସୀମା କେତେ ଓ କେଉଁ ସଂସ୍ଥା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପ୍ରକଳ୍ପ ଶେଷ କରିଛନ୍ତି କେଉଁମାନେ କେଉଁ କାରଣରୁ କରିନାହାନ୍ତି ତାହା ଜଣାଇବା ସହ କେଉଁ ପ୍ରକଳ୍ପର ମୂଳ ବ୍ୟୟ ଅଟକଳ ଠାରୁ କେତେ ବୃଦ୍ଧି ପାଇଛି ତାହା ପ୍ରକାଶ କରିବେ କି ?

----

## Prime objective of the Department

***88 Dr. Pradeep Kumar Panigrahy (Gopalpur):**

Will the Minister for **Revenue and Disaster Management** be pleased to state that:- What is Prime objective of Revenue & Disaster Management Department State details of R&R of New Golabanda Village and Tata Steel Project, Gopalpur with issue with other R & R issue of different project, pending patta of each district, Whether Department find any lap hole in leasing policy on Minor Mineral of State ?

----

## ନଦୀ ଜଳ ପ୍ରଦୂଷଣ ମୁକ୍ତ

***୫୨ ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର):**

**ଜଙ୍ଗଲ ଓ ପରିବେଶ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମହାନଦୀ ସହିତ ରାଜ୍ୟର କେଉଁ କେଉଁ ନଦୀ ପ୍ରଦୂଷିତ ହୋଇଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି ଓ ନଦୀଜଳ ପ୍ରଦୂଷଣ ମୁକ୍ତ କରିବାକୁ ସରକାର କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ୱାର୍ଡକୁ ଅନ୍ୟ ବ୍ଲକରେ ସାମିଲ

***୨୦ ଶ୍ରୀ ଶଶିଭୂଷଣ ବେହେରା (କେନ୍ଦ୍ରପଡା):**

**ପଞ୍ଚାୟତିରାଜ ଓ ପାନୀୟ ଜଳ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର 'ସିଦ୍ଧବାଲି' ରାଜସ୍ୱ ଗ୍ରାମଟି ପଞ୍ଚାୟତ ରାଜ ସୀମା ବ୍ୟବସ୍ଥାରେ ଦୁଇଟି ବ୍ଲକ (ପଟ୍ଟାମୁଣ୍ଡାଇ ଏବଂ ଆଳି ବ୍ଲକ) ତଥା ୩ଟି ପଞ୍ଚାୟତ ନୂଆପଡା, (ଆଳି ବ୍ଲକ), ବଲୁରିଆ, ଓ ଓମୃତ ମଣହି ଗ୍ରାମ ପଞ୍ଚାୟତ (ପଟାମୁଣ୍ଡାଇ ବ୍ଲକ) ରେ ବିଭକ୍ତ ହୋଇଥିବାରୁ ଉକ୍ତ ଗ୍ରାମର ଜନସାଧାରଣ ନାହିଁ ନଥିବା ପ୍ରାଶାସନିକ ସମସ୍ୟାର ସମ୍ମୁଖୀନ ହେଉଥିବା ବିଭାଗୀୟ କର୍ତ୍ତୃପକ୍ଷ ଜାଣନ୍ତି କି ଏହି ଜନ ସମସ୍ୟାକୁ ଦୂର କରିବାକୁ ସିଦ୍ଧବାଲି ଗ୍ରାମର ଆଳି ବ୍ଲକ ଅଧିନରେ ଥିବା ଓ୍ୱାର୍ଡଟିକୁ ପଟାମୁଣ୍ଡାଇ ବ୍ଲକରେ ଥିବା ମୁଖ୍ୟ ଅଂଶରେ ସାମିଲ କରିବାର ବ୍ୟବସ୍ଥା କରିବେ କି ?

----